# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 404 CUTTACK, MONDAY, FEBRUARY 29, 2016/FALGUNA 10, 1937**

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ଅଧିସୂଚନା

ତାରିଖ 9 ଫେବ୍ରୁଆରୀ 2016

ସଂଖ୍ୟା 4362—RDM-LAA-MBJ-0015/2015-R&DM.—ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି, ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଫିଡର କେନାଲ ରାମନଗର ନିମନ୍ତେ ମୌଜ ରାମନଗର, ଥାନା ବାରିପଦା ନଂ. ୧୭୧, ତହସିଲ ମୋରଡା, ଜିଲ୍ଲା ମୟୂରଭଞ୍ଜରେ ନିମ୍ନ ତଫସିଲମତେ ପ୍ରାୟ 8.39 ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

୧ । ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବୈଶିଙ୍ଗା ଫିଡର କେନାଲ ରାମନଗର ନିମନ୍ତେ

୨ । ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ– ନିର୍ବାହୀ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ

୩ । କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା ।

୪ । ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।

୫ । ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ ଜିଲ୍ଲାପାଳ, ମୟୂରଭଞ୍ଜ ।

୬ । ଜମିର ବିବରଣୀ :–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ମୋରଡା | ରାମନଗର | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ୨୭.୯୮ ଏକର | ୮.୩୯ ଏକର | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା, ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ. ୧, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ଲକ୍ଷ୍ମୀପୋଷି, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ, କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

## ଭୂମି ଅନୁସୂଚୀ

| ଖାତା ନଂ. ଓ ସତ୍ୱ | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ପ୍ରଜାଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| (୧) | (୨) | (୩) | (୪) | (୫) | (୬) |
| ୫୦ | ୩୩୬ | ୦.୭୧ | ୦.୧୨ | ଡାହି ଏକ | ଦୁଃଖିଆ ମାଝୀ, ପି. ନୟା ମାଝି, ସାନଦୁଃଖିଆ ମାଝୀ, ପି. ନୟା ମାଝି, ବଡଦୁଃଖିଆ ମାଝି, ମଦନ ମାଝୀ, ପି. ସାମ ମାଝୀ, ବା.ବାଘୁଆଶୁଳ, ଜା. ସାନ୍ତାଳ । |
| ୫୮ | ୩୪୯ | ୦.୫୧ | ୦.୨୩ | ଡାହି ଏକ | ନାରାୟଣ ମହାନ୍ତ, ରାମଚନ୍ଦ୍ର ମହାନ୍ତ, କାଳିଚରଣ |
| | ୩୫୧ | ୧.୦୧ | ୦.୪୨ | ଡାହି ଦୁଇ | ମହାନ୍ତ, ପି. ବିର ମହାନ୍ତ, ପୁନ ମହାନ୍ତ, ସ୍ୱା. ବିର |
| | ୩୫୪ | ୬.୧୯ | ୨.୨୦ | ଡାହି ଏକ | ମହାନ୍ତ, କେଶରୀ ମହାନ୍ତ, ସ୍ୱା. କୈଳାଶ ମହାନ୍ତ, ଦୁର୍ଯ୍ୟୋଧନ ମହାନ୍ତ, ପି. କୈଳାଶ ମହାନ୍ତ, ବା. ହେସଲଡିହି । ହେମେନ୍ଦ୍ର ମହାନ୍ତ, ଅକ୍ଷୟ ମହାନ୍ତ, ପି. ଭାଗୀରଥି ମହାନ୍ତ, ରାଧା ମହାନ୍ତ, ପି. ଆଭାସ ମହାନ୍ତ, କହ୍ନେଇ ମହାନ୍ତ, ଦନେଇ ମହାନ୍ତ, ହାଲଣା ମହାନ୍ତ, କାଳିଚରଣ ମହାନ୍ତ, ଭାଲୁ ମହାନ୍ତ, ପ୍ରମିଳା ମହାନ୍ତ, ପି. ଲାଲମୋହନ ମହାନ୍ତ, ବା. ହେସଲଡିହି, ବା. ଗରୁଡବସା, ଥା. ବେତନଟୀ, ଜା. କୁଡୁମି । |
| ୭୭ | ୩୫୯ | ୪.୭୬ | ୧.୪୬ | ଆଶୁ | ବାଲାଇ ମାଝୀ, ପି. ରେଙ୍ଗଟା ମାଝୀ |
| | ୩୬୦ | ୩.୮୮ | ୦.୫୭ | ଆଶୁ | ସୁକୁଲ ମାଝୀ, ସୁରାଇ ମାଝୀ, ପି. ଲଛୁ ମାଝୀ, ବଙ୍ଗର ମାଝୀ, ଗଣେସ ମାଝୀ, ଆଙ୍ଗାନ ମାଝୀ, ପି. ମଦନ ମାଝୀ, ବା. ହେସଲଡିହି, ଜା. ସାନ୍ତାଳ । |

| (୧) | (୨) | (୩) | (୪) | (୫) | (୬) |
|---|---|---|---|---|---|
| ୧୦୭ | ୩୩୩ | ୩.୯୨ | ୦.୦୨ | ଡାହି ଏକ | ମହେଶ୍ୱର ନାଏକ, ପି. ଭଗବାନ ନାଏକ, ଜାତି ଗଉଡ, ଗଦାଧର ମହାନ୍ତ, ପି. ଏକା ମହାନ୍ତ, ଜା କୁଡୁମି, ମୋହନ ମାର୍ଣ୍ଡି, ପି. ଜଗନ୍ନାଥ ମାର୍ଣ୍ଡି, ବା. ନିଜଗାଁ, ଜା. ସାନ୍ତାଳ । |
| ୧୫୬ | ୩୬୯ | ୭.୦୦ | ୩.୩୭ | ଡାହି ଏକ | ସୁପାଇ ମାଝୀ, ପି. ଚାନ୍ଦୁ ମାଝୀ, ବା. ହେସଲଡିହି, ଜାତି ସାନ୍ତାଳ । |
| | ମୋଟ . . | ୨୭.୯୮ | ୮.୩୯ | | |

ରାଜ୍ୟପାଳଙ୍କ ଆଦେଶାନୁକ୍ରମେ

**ଅଭୟ କୁମାର ନାୟକ**

ଯୁଗ୍ମ ଶାସନ ସଚିବ

Printed and published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 1705—173+20